ଓଡିଶା ସରକାର
ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ
Government of Odisha
Panchayati Raj & D.W. Department

ଓଡିଶା ସଚିବାଳୟ
ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧
Secretariat, Sachibalaya Marg,
Bhubaneswar-751 001
Fax. 0674-2391413,
E-mail- prsec.or@nic.in

ପତ୍ର ସଂଖ୍ୟା : ୧୧୧୪୩ / ତାରିଖ : ୨୨.୦୪.୨୦୨୬

PR-CFC-MISC-0002-2026

ପ୍ରେରକ

ଶ୍ରୀମତୀ ରାଜଶ୍ରୀ ସିଂହ , ଓ . ପ୍ର. ସେ ,

ସ୍ୱତନ୍ତ୍ର ଶାସନ ସଚିବ

ପ୍ରାପକ:

ସମସ୍ତ ଜିଲ୍ଲାପାଳ-ତଥା- ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ , ଜିଲ୍ଲା ପରିଷଦ

ସମସ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ

ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ

**ବିଷୟ: ଆର୍ଥିକ ବର୍ଷ ୨୦୨୬-୨୭ ପାଇଁ ଗ୍ରାମ ପଞ୍ଚାୟତ ବିକାଶ ଯୋଜନା (GPDP), ବ୍ଲକ ପଞ୍ଚାୟତ ବିକାଶ ଯୋଜନା (BPDP) ଏବଂ ଜିଲ୍ଲା ପଞ୍ଚାୟତ ବିକାଶ ଯୋଜନା (DPDP) ର ପ୍ରାକ୍ ପ୍ରସ୍ତୁତି ସମ୍ବନ୍ଧରେ ।**

**ମହଶୟା/ ମହାଶୟ,**

ଆର୍ଥିକ ବର୍ଷ ୨୦୨୬-୨୭ ପାଇଁ ଗ୍ରାମ ପଞ୍ଚାୟତ ବିକାଶ ଯୋଜନା (GPDP), ବ୍ଲକ ପଞ୍ଚାୟତ ବିକାଶ ଯୋଜନା (BPDP) ଏବଂ ଜିଲ୍ଲା ପଞ୍ଚାୟତ ବିକାଶ ଯୋଜନା (DPDP) ର ପ୍ରାକ୍ ପ୍ରସ୍ତୁତି ସମ୍ବନ୍ଧରେ, ମୁଁ ନିର୍ଦ୍ଦେଶମତେ ଜଣାଉ ଅଛି କି , ଆପଣ ଅବଗତ ଅଛନ୍ତି ଯେ, ପଞ୍ଚମ ରାଜ୍ୟ ଅର୍ଥ କମିଶନ ଏବଂ ପଞ୍ଚଦଶ କେନ୍ଦ୍ରୀୟ ଅର୍ଥ କମିଶନଙ୍କର ଅବଧି ତାରିଖ ୩୧ ମାର୍ଚ୍ଚ ୨୦୨୬ ରେ ଶେଷ ହୋଇଛି । ଇତି ମଧ୍ୟରେ , ଓଡ଼ିଶା ସରକାରଙ୍କ ଦ୍ୱାରା ଗଠିତ ଷଷ୍ଠ ରାଜ୍ୟ ଅର୍ଥ କମିଶନ ଏବଂ ଭାରତ ସରକାରଙ୍କ ଦ୍ୱାରା ଗଠିତ ଷୋଡଶ କେନ୍ଦ୍ରୀୟ ଅର୍ଥ କମିଶନ ସେମାନଙ୍କ ରିପୋର୍ଟ ଦାଖଲ କରିସାରିଛନ୍ତି । ଷଷ୍ଠ ରାଜ୍ୟ ଅର୍ଥ କମିଶନଙ୍କ ରିପୋର୍ଟ ଏବଂ ସେ ସମ୍ବନ୍ଧିତ ରାଜ୍ୟ ସରକାରଙ୍କ ଦ୍ୱାରା ଗୃହିତ 'ଆକ୍ସନ୍ ଟେକେନ୍ ରିପୋର୍ଟ' ସାର୍ବଜନୀନ ଡୋମେନ୍ ରେ ଉପଲବ୍ଧ (**https://sfc.odisha.gov.in/en/6th-sfc**)। ସେହିପରି, ଷୋଡଶ କେନ୍ଦ୍ରୀୟ ଅର୍ଥ କମିଶନଙ୍କ ରିପୋର୍ଟ ଏବଂ ସେ ସମ୍ବନ୍ଧିତ କେନ୍ଦ୍ର ସରକାରଙ୍କର ଗୃହିତ 'ଆକ୍ସନ୍ ଟେକେନ୍ ରିପୋର୍ଟ' ମଧ୍ୟ ସାର୍ବଜନୀନ ଡୋମେନ୍ ରେ ଉପଲବ୍ଧ ଅଛି । (**https://fincomindia.nic.in/commission-reports-sixteenth**)।

ଷଷ୍ଠ ରାଜ୍ୟ ଅର୍ଥ କମିଶନଙ୍କ ଅର୍ଥ ମଞ୍ଜୁରୀ ଅବଧି (୨୦୨୬-୨୭ ଠାରୁ ୨୦୩୦-୩୧) ପର୍ଯ୍ୟନ୍ତ ରହିଛି । ନିକଟ ଅତୀତରେ, ଗୃହ ଓ ନଗର ଉନ୍ନୟନ ବିଭାଗ (H&UD Department) ଙ୍କ ପକ୍ଷରୁ କିଛି ଗ୍ରାମ ପଞ୍ଚାୟତ ଏବଂ କିଛି ଗ୍ରାମ ପଞ୍ଚାୟତର କିଛି ଅଂଶକୁ ଏନ.ଏ.ସି ରେ ପରିଣତ କରାଯାଇଛି ଏବଂ ଏନ.ଏ.ସି / ପୌରପାଳିକା /

ରାଜଶ୍ରୀ ସିଂହ

ମହାନଗର ନିଗମରେ ମିଶ୍ରଣ କରାଯାଇ, ସେ ସମ୍ପର୍କିତ ବିଜ୍ଞପ୍ତିମାନ ତାରିଖ ୧୦.୦୩.୨୦୨୬ ପର୍ଯ୍ୟନ୍ତ ପ୍ରକାଶ କରାଯାଇଛି । ଉକ୍ତ ତଥ୍ୟାବଳୀ ଏବଂ ଅନ୍ୟାନ୍ୟ ଆବଶ୍ୟକୀୟ ତଥ୍ୟାବଳୀକୁ ବିଚାରକୁ ନେଇ ଷଷ୍ଠ ରାଜ୍ୟ ଅର୍ଥ କମିଶନଙ୍କ ଅର୍ଥ ମଞ୍ଜୁରୀ ଅବଧିର ଅନୁଦାନ ଉପଯୋଗ ପାଇଁ ମାର୍ଗଦର୍ଶିକା ପ୍ରସ୍ତୁତି ପ୍ରକ୍ରିୟା ଜାରିରହିଛି । ଉକ୍ତ ମାର୍ଗଦର୍ଶିକା ବିଧି ବ୍ୟବସ୍ଥା ଅନୁଯାୟୀ ଚୂଡ଼ାନ୍ତ ହେବାପରେ ଯଥାଶୀଘ୍ର ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକୁ ଅବଗତ କରାଯିବ। ସେହିପରି ଷୋଡଶ କେନ୍ଦ୍ରୀୟ ଅର୍ଥ କମିଶନ ଅନୁଦାନ ଉପଯୋଗ ପାଇଁ ଭାରତ ସରକାରଙ୍କ ମାର୍ଗଦର୍ଶିକା ପ୍ରାପ୍ତ ହେବାପରେ ପଞ୍ଚାୟତିରାଜ ଅନୁଷ୍ଠାନ ଗୁଡ଼ିକୁ ଅବଗତ କରାଯିବ।

ସର୍ବାଙ୍ଗୀନ ବିକାଶ, ଆର୍ଥିକ ବିକାଶ ଏବଂ ସାମାଜିକ ନ୍ୟାୟ ପାଇଁ ସମ୍ପୃକ୍ତ ପଞ୍ଚାୟତିରାଜ ଅନୁଷ୍ଠାନ ଗୁଡ଼ିକ ଦ୍ୱାରା ଗ୍ରାମ ପଞ୍ଚାୟତ ବିକାଶ ଯୋଜନା (GPDP), ବ୍ଲକ ପଞ୍ଚାୟତ ବିକାଶ ଯୋଜନା (BPDP), ଏବଂ ଜିଲ୍ଲା ପଞ୍ଚାୟତ ବିକାଶ ଯୋଜନା (DPDP) ପ୍ରସ୍ତୁତି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଏବଂ ସାମ୍ବିଧାନିକ ଦାୟିତ୍ୱ ଅଟେ । ତେଣୁ ତୃଣମୂଳ ସ୍ତରରେ ଅଂଶଗ୍ରହଣ ମୂଳକ ଯୋଜନା ପ୍ରସ୍ତୁତି, ସ୍ଥାନୀୟ ଆବଶ୍ୟକତା ଗୁଡ଼ିକୁ ଯୋଜନା ପ୍ରକ୍ରିୟାରେ ସଠିକ୍ ଭାବରେ ପ୍ରତିଫଳିତ କରିବା, କେନ୍ଦ୍ର ସରକାର ଏବଂ ରାଜ୍ୟ ସରକାରଙ୍କ ଅଗ୍ରାଧିକାର ଯୋଜନା ସହିତ ସମନ୍ୱୟ ରଖି ଗ୍ରାମାଞ୍ଚଳର ସାମୁହିକ ସମୃଦ୍ଧି ଓ ବିକାଶଧାରା ଜାରି ରଖିବା ନିମନ୍ତେ ସବିଶେଷ ଆଲୋଚନା ଓ ପର୍ଯ୍ୟାଲୋଚନାର ଯଥେଷ୍ଟ ଆବଶ୍ୟକତା ରହିଛି ।

ଏହି ପରିପ୍ରେକ୍ଷିରେ ଆପଣଙ୍କୁ ଆର୍ଥିକ ବର୍ଷ ୨୦୨୬-୨୭ ର ଗ୍ରାମ ପଞ୍ଚାୟତ ବିକାଶ ଯୋଜନା (GPDP), ବ୍ଲକ ପଞ୍ଚାୟତ ବିକାଶ ଯୋଜନା (BPDP) ଏବଂ ଜିଲ୍ଲା ପଞ୍ଚାୟତ ବିକାଶ ଯୋଜନା (DPDP) ନିମନ୍ତେ ପ୍ରାକ୍ ପ୍ରସ୍ତୁତି ପ୍ରକ୍ରିୟା ତ୍ରିସ୍ତରୀୟ ପଞ୍ଚାୟତ ଅନୁଷ୍ଠାନ ମାନଙ୍କ ଦ୍ୱାରା ଆରମ୍ଭ କରିବାକୁ ଅନୁରୋଧ କରାଯାଉଛି । ଏଥିନିମନ୍ତେ ନିମ୍ନଲିଖିତ ବିଷୟଗୁଡ଼ିକୁ ପ୍ରାଥମିକତା ଦିଆଯିବା ଆବଶ୍ୟକ :

**୧. ତ୍ରିସ୍ତରୀୟ ପଞ୍ଚାୟତ ଅନୁଷ୍ଠାନ ମାନଙ୍କ ଦ୍ୱାରା ପୂର୍ବ ଯୋଜନାର ସମୀକ୍ଷା ଏବଂ ସମ୍ବଳ ଆକଳନ**

**(କ) ଅଗ୍ରଗତି ସମୀକ୍ଷା :** ପଞ୍ଚଦଶ କେନ୍ଦ୍ରୀୟ ଅର୍ଥ କମିଶନ ଏବଂ ପଞ୍ଚମ ରାଜ୍ୟ ଅର୍ଥ କମିଶନ ଅବଧି ମଧ୍ୟରେ କରାଯାଇଥିବା ଗ୍ରାମ ପଞ୍ଚାୟତ ବିକାଶ ଯୋଜନା (GPDP), ବ୍ଲକ ପଞ୍ଚାୟତ ବିକାଶ ଯୋଜନା (BPDP), ଏବଂ ଜିଲ୍ଲା ପଞ୍ଚାୟତ ବିକାଶ ଯୋଜନା (DPDP) ଗୁଡ଼ିକର ଆଲୋଚନା କରାଯାଇ ସମୀକ୍ଷା କରାଯାଉ ।

**(ଖ) ଅବ୍ୟବହୃତ ପାଣ୍ଠି :** ତ୍ରିସ୍ତରୀୟ ପଞ୍ଚାୟତ ଅନୁଷ୍ଠାନ ଗୁଡ଼ିକରେ ପଞ୍ଚଦଶ କେନ୍ଦ୍ରୀୟ ଅର୍ଥ କମିଶନ ଅନୁଦାନ ଅନ୍ତର୍ଗତ ଏବଂ ପଞ୍ଚମ ରାଜ୍ୟ ଅର୍ଥ କମିଶନ ଅନୁଦାନ ଅନ୍ତର୍ଗତ ଅବ୍ୟବହୃତ ପାଣ୍ଠି ରହିଥିବା ଲକ୍ଷ୍ୟ କରାଯାଇଛି । ଉକ୍ତ ପାଣ୍ଠିର ଉପଲବ୍ଧତା, ବ୍ୟବହାର ନ ହେବାର କାରଣ ଏବଂ ସୁଧାର ମୂଳକ ପଦକ୍ଷେପ ସମ୍ପର୍କରେ ତ୍ରିସ୍ତରୀୟ ପଞ୍ଚାୟତ ଅନୁଷ୍ଠାନ ଗୁଡ଼ିକରେ ଆଲୋଚନା କରାଯାଉ ଏବଂ ନିୟମ ଅନୁଯାୟୀ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯାଉ ।

**(ଗ) ଅସମ୍ପୂର୍ଣ୍ଣ / ବକେୟା କାର୍ଯ୍ୟ :** ଅସମ୍ପୂର୍ଣ୍ଣ କିମ୍ବା ବକେୟା କାର୍ଯ୍ୟଗୁଡ଼ିକର ସ୍ଥିତି ସମ୍ପର୍କରେ ବିଚାର ବିମର୍ଶ କରି ସେଗୁଡ଼ିକୁ ଶେଷ କରିବା ପାଇଁ ନିୟମ ଅନୁଯାୟୀ ଆବଶ୍ୟକୀୟ ପଦକ୍ଷେପ ନିଆଯାଉ ।

ଯାଜ୍ଞସେନୀ

**(ଘ) ପଞ୍ଚଦଶ କେନ୍ଦ୍ରୀୟ ଅର୍ଥ କମିଶନ ଅନୁଦାନ ଅନ୍ତର୍ଗତ ଏବଂ ପଞ୍ଚମ ରାଜ୍ୟ ଅର୍ଥ କମିଶନ ଅନୁଦାନ ଅନ୍ତର୍ଗତ ଅବ୍ୟବହୃତ ପାଣ୍ଠି ବ୍ୟବହାର ପାଇଁ ଅନୁମତି :** ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗର ଅନୁରୋଧ କ୍ରମେ, ପଞ୍ଚାୟତିରାଜ ମନ୍ତ୍ରଣାଳୟ eGramSwaraj ପୋର୍ଟାଲ୍ ରେ ପଞ୍ଚଦଶ କେନ୍ଦ୍ରୀୟ ଅର୍ଥ କମିଶନଙ୍କ ଅନୁଦାନ ସମ୍ବନ୍ଧିତ କାରବାର କରିବା ପାଇଁ ପୋର୍ଟାଲ୍ ମାଧ୍ୟମରେ ଅନୁମତି ଦେଇଛନ୍ତି । ତେଣୁ, ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକ ପଞ୍ଚଦଶ କେନ୍ଦ୍ରୀୟ ଅର୍ଥ କମିଶନ ତଥା ପଞ୍ଚମ ରାଜ୍ୟ ଅର୍ଥ କମିଶନ ଅନୁଦାନ ସମ୍ବନ୍ଧୀୟ କାରବାର ସୂଚାରୁ ରୂପେ ପୂର୍ବରୁ ଜାରି କରାଯାଇଥିବା ନିର୍ଦ୍ଦିଷ୍ଟ ମାର୍ଗଦର୍ଶୀକା ଅନୁଯାୟୀ ଯଥାଶୀଘ୍ର ସମ୍ପାଦନ କରିବେ ।

**୨. ଗୁଣାତ୍ମକ ଗ୍ରାମ ପଞ୍ଚାୟତ ବିକାଶ ଯୋଜନା (GPDP) ଉପରେ ଆଲୋଚନା :**

ଏକ ଉତ୍ତମ ମାନର ଗ୍ରାମ ପଞ୍ଚାୟତ ବିକାଶ ଯୋଜନା (GPDP) ସ୍ଥାନୀୟ ଲୋକାଭିମୁଖି ଶାସନ ବ୍ୟବସ୍ଥାକୁ ମଜବୁତ କରିବା ଏବଂ ତୃଣମୂଳ ସ୍ତରରେ ସର୍ବାଙ୍ଗୀନ ବିକାଶ , ଆର୍ଥିକ ବିକାଶ ଏବଂ ସାମାଜିକ ନ୍ୟାୟ ସୁନିଶ୍ଚିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ । ପଞ୍ଚାୟତିରାଜ ମନ୍ତ୍ରଣାଳୟ ଗୁଣାତ୍ମକ GPDP ମାପିବା ପାଇଁ କିଛି ସୂଚକାଙ୍କ ପ୍ରସ୍ତୁତ କରିଛନ୍ତି ଯାହା ନିମ୍ନରେ ଦିଆଗଲା :

**(କ)** ଗ୍ରାମସଭା ପାଇଁ କୋରମ୍ (Quorum) ପୂରଣ ହୋଇଛି କି ନାହିଁ ।

**(ଖ)** ଗ୍ରାମସଭାରେ ସାମୁଦାୟିକ ଅଂଶଗ୍ରହଣ ।

**(ଗ)** ଯୋଜନା ପ୍ରକ୍ରିୟାରେ ଅନୁସୂଚିତ ଜାତି / ଉପଜାତି, ମହିଳା, ଦିବ୍ୟାଙ୍ଗ ଏବଂ ବରିଷ୍ଠ ନାଗରିକଙ୍କ ଅନ୍ତର୍ଭୁକ୍ତି ।

**(ଘ)** ଗ୍ରାମସଭା ପୂର୍ବରୁ ବାଳସଭା, ଯୁବସଭା ଏବଂ ମହିଳା ସଭା ଆୟୋଜନ ।

**(ଙ)** ସଂକଳ୍ପ ପ୍ରସଙ୍ଗ ଅନ୍ତର୍ଗତ ପାଣ୍ଠି ବଣ୍ଟନର ଶତକଡ଼ା ।

**(ଚ)** PAI (Panchayat Advancement Index) ଅନ୍ତର୍ଗତ ଗ୍ୟାପ୍ ଅନୁଯାୟୀ ସଂକଳ୍ପ ନିଆଯାଇଛି କି ନାହିଁ ।

**(ଛ)** ସଂକଳ୍ପ ପ୍ରସଙ୍ଗ (Sankalp Theme) ଅନ୍ତର୍ଗତ GPDP କାର୍ଯ୍ୟକଳାପର ଶତକଡ଼ା ହାର ।

**(ଜ)** ପଞ୍ଚାୟତ ପ୍ରୋଫାଇଲ୍ ଅପଡେଟ୍ ହୋଇଛି କି ନାହିଁ।

**(ଝ)** କେନ୍ଦ୍ରୀୟ ଅର୍ଥ କମିଶନ ଅନୁଦାନର ଶତକଡ଼ା ଭାବେ OSR

**(ଞ)** ଯୋଜନାବଦ୍ଧ କାର୍ଯ୍ୟରେ କ୍ଷେତ୍ରୱାରୀ ସନ୍ତୁଳନ (ସ୍ୱାସ୍ଥ୍ୟ, ଶିକ୍ଷା, ଭିତ୍ତିଭୂମି, ସାମାଜିକ ନ୍ୟାୟ, ଜଳ ଓ ପରିମଳ)।

**(ଟ)** GPDP ରେ ଅନ୍ତର୍ଭୁକ୍ତ ପ୍ରମୁଖ ଯୋଜନା (Flagship Scheme) ।

**(ଠ)** ଅନ୍ୟାନ୍ୟ ବିଭାଗୀୟ ଯୋଜନାରୁ ଉପଲବ୍ଧ ସମ୍ବଳର ଅନ୍ତର୍ଭୁକ୍ତି ।

**(ଡ)** ଭବିଷ୍ୟତରେ ନିଜସ୍ୱ ଆୟ (OSR) ବୃଦ୍ଧି ପାଇଁ କାର୍ଯ୍ୟକଳାପର ଅନ୍ତର୍ଭୁକ୍ତି ।

**(ଢ)** ବିଭିନ୍ନ ଉତ୍ସରୁ ପାଣ୍ଠି ମିଶ୍ରଣ (Convergence) ଦ୍ୱାରା GPDP ରେ ପ୍ରସ୍ତାବିତ କାର୍ଯ୍ୟକଳାପ ।

**(ଣ)** GPDP ରେ ଅନ୍ତର୍ଭୁକ୍ତ 'ନୋ କଷ୍ଟ ' (No cost) କାର୍ଯ୍ୟକଳାପର ସଂଖ୍ୟା ।

ଗ୍ରାମ ସଭାରେ ଏହି ବିଷୟଗୁଡ଼ିକ ଉପରେ ଆଲୋଚନା କରାଯାଉ ।

ଯାଜ୍ଞସେନୀ

୩. ଗ୍ରାମ ପଞ୍ଚାୟତ ବିକାଶ ଯୋଜନା (GPDP) କୁ ଅଧିକ ସର୍ବାଙ୍ଗୀନ କରିବା ଏବଂ କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କର ବିଭିନ୍ନ ଅଗ୍ରାଧିକାର ଯୋଜନା ସହିତ ସମନ୍ୱୟ ରଖି ବିକାଶଧାରାକୁ ତ୍ୱରାନ୍ୱିତ କରିବା ନିମନ୍ତେ ଜିଲ୍ଲା ସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ ମାନଙ୍କର ଗ୍ରାମ ପଞ୍ଚାୟତ ମାନଙ୍କ ସହିତ ସମନ୍ୱୟ ଓ ତଥ୍ୟ ଆଦାନ ପ୍ରଦାନ ବାଞ୍ଛନୀୟ । ଏହାକୁ ସୁନିଶ୍ଚିତ କରାଯାଉ ।

୪. ନିଜସ୍ୱ ଆୟ (Own Source of Revenue - OSR) ଅଭିବୃଦ୍ଧି ନିମନ୍ତେ ଯୋଜନା :

(କ) ବର୍ତ୍ତମାନର OSR ସଂଗ୍ରହର ସମୀକ୍ଷା ଏବଂ ନିଜସ୍ୱ ଆୟ ବୃଦ୍ଧି ପାଇଁ ପଦକ୍ଷେପ ନିତ୍ୟାନ୍ତ ଆବଶ୍ୟକ ।

(ଖ) ଗ୍ରାମ ପଞ୍ଚାୟତ ଦ୍ୱାରା ସଂଗ୍ରହ ହୋଇପାରିବାକୁ ଥିବା OSR ର ସଠିକ୍ ଆକଳନ କରାଯାଇ ତାହାର ଯୋଜନା ପ୍ରସ୍ତୁତ କରାଯାଉ ।

(ଗ) e-GramSwaraj ପୋର୍ଟାଲ୍ ରେ OSR Resource Envelope ଅନ୍ତର୍ଭୁକ୍ତ ତଥ୍ୟଗୁଡ଼ିକ ସଠିକ୍ ଭାବରେ ଏବଂ ପ୍ରମାଣ-ଆଧାରିତ (Evidence-based) ଭିତ୍ତିରେ ଉପଲବ୍ଧ କରାଯାଉ ।

୫. ବ୍ଲକ ପଞ୍ଚାୟତ ବିକାଶ ଯୋଜନା (BPDP) ଏବଂ ଜିଲ୍ଲା ପଞ୍ଚାୟତ ବିକାଶ ଯୋଜନା (DPDP) :

ସମନ୍ୱୟତା ଭିତ୍ତିରେ ତୃଣମୂଳ ପଞ୍ଚାୟତସ୍ତରରୁ ଜିଲ୍ଲା ପଞ୍ଚାୟତ ପର୍ଯ୍ୟନ୍ତ ବିକାଶ ଯୋଜନାର ସମୃଦ୍ଧିକରଣ ନିମନ୍ତେ ଗ୍ରାମ ପଞ୍ଚାୟତ ବିକାଶ ଯୋଜନା (GPDP) କୁ ଅଗ୍ରାଧିକାର ଦେବା ନିତ୍ୟାନ୍ତ ଆବଶ୍ୟକ । ଏହି କ୍ରମରେ ଗ୍ରାମ ପଞ୍ଚାୟତ ବିକାଶ ଯୋଜନା (GPDP) କୁ ପରିପ୍ରେକ୍ଷୀ ରେ ରଖି ସର୍ବାଙ୍ଗୀନ ଉନ୍ନତି , ଆର୍ଥିକ ଉନ୍ନତି ଏବଂ ସାମାଜିକ ନ୍ୟାୟ କୁ ଅଗ୍ରଗତି କରାଇବା ପାଇଁ ବ୍ଲକ ପଞ୍ଚାୟତ ବିକାଶ ଯୋଜନା (BPDP) ଏବଂ ଜିଲ୍ଲା ପଞ୍ଚାୟତ ବିକାଶ ଯୋଜନା (DPDP) ପାଇଁ ଉପରୋକ୍ତ ଭାବରେ ପ୍ରାକ୍ ପ୍ରସ୍ତୁତି ଆରମ୍ଭ କରାଯାଉ ।

ଆପଣଙ୍କୁ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଏବଂ ଉକ୍ତ ନିର୍ଦ୍ଦେଶାବଳୀକୁ ତ୍ରି-ସ୍ତରୀୟ ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକୁ ସୂଚନା ଏବଂ ଆବଶ୍ୟକୀୟ ପ୍ରାକ୍ ପ୍ରସ୍ତୁତି କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରେରଣ କରିବାକୁ ଅନୁରୋଧ କରାଯାଉଛି ।

ଆପଣଙ୍କ ବିଶ୍ୱସ୍ତ

ସ୍ୱତନ୍ତ୍ର ଶାସନ ସଚିବ

**ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ**

ପ୍ରତିଲିପି

୧. ନିର୍ଦ୍ଦେଶକ, ଏସ୍.ଆଇ.ଆର.ଡି. ଆଣ୍ଡ ପି.ଆର୍. (SIRD&PR), ଓଡ଼ିଶା, ଭୁବନେଶ୍ୱରଙ୍କୁ ସୂଚନା ଏବଂ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରେରଣ କରାଗଲା ।

୨. ସମସ୍ତ ଜିଲ୍ଲା ପଞ୍ଚାୟତ ଅଧିକାରୀମାନଙ୍କୁ ସୂଚନା ଏବଂ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରେରଣ କରାଗଲା ।